# କଟକ ଉନ୍ନୟନ କର୍ତ୍ତୃପକ୍ଷ

ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12

## <u>ସୂଚନା</u>

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସରକାରଙ୍କ ଦ୍ୱାରା ଗଠିତ ଟାସ୍କ ଫୋର୍ସ କମିଟି ବିବରଣୀ ପୁସ୍ତିକାରେ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଇଚ୍ଛାଧୀନ କୋଟାରେ ଆବଣ୍ଟିତ ୯୨୧ ଗୋଟି ସମ୍ପତ୍ତି ପରିଶିଷ୍ଟ IIIB ରେ ଅର୍ନ୍ତଭୁକ୍ତ ହୋଇଅଛି । ଇତି ମଧ୍ୟରେ ଟାସ୍କ ଫୋର୍ସ ରିପୋର୍ଟର ଅନୁଚ୍ଛେଦ ୪୮(୭) ଅନୁମୋଦନ ଅନୁସାରେ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁସୃତ ତଥ୍ୟ ପୁସ୍ତିକା ଓ ପରିକଳ୍ପନା ମୁତାବକ ଏବଂ ଯାହା ଯର୍ଥାଥ ସେ ସବୁ ଆବଣ୍ଟନକୁ ଟାସ୍କ ଫୋର୍ସ ରିପୋର୍ଟ ପରିଧିରୁ ବାଦ ଦେବା ନିମନ୍ତେ ଓଡିଶା ସରକାର ନିଷ୍ପତ୍ତି ନେଇଛନ୍ତି । ଏ ସମ୍ବନ୍ଧରେ ସାଧାରଣ ପ୍ରଶାସନ ଓ ଅଭିଯୋଗ ଶୁଣାଣି ବିଭାଗ ଦ୍ୱାରା ପତ୍ର ସଂଖ୍ୟା-୩୫୦୦୮, ତା.୦୮.୧୨.୨୦୨୨ ରିଖରେ ସଂକଳ୍ପନାମା ଜାରି କରାଯାଇଅଛି । ଉକ୍ତ ପରିଶିଷ୍ଟରେ ଥିବା ତାଲିକାରୁ ଯେଉଁ ଆବଣ୍ଟନଗ୍ରାହୀ ଏବଂ ତାଙ୍କର ପରିବାର ସଦସ୍ୟଙ୍କ ନାମରେ କେବଳ ଏକମାତ୍ର ଅସ୍ଥାବର ସମ୍ପତ୍ତି(ପ୍ଲଟ/ଫ୍ଲାଟ/ଗୃହ) ସଠିକ ଉପାୟରେ ଆବଣ୍ଟନ କରାଯାଇଥିବ ସେହି ଆବଣ୍ଟନଗ୍ରାହୀ ଏବଂ ତାଙ୍କର ଉତ୍ତରାଧିକାରୀଙ୍କୁ ଟାସ୍କ ଫୋର୍ସ ରିପୋର୍ଟ ପରିଧିରୁ ବାଦଦେବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରକ୍ରିୟା ଆରମ୍ଭ କରାଯାଇଛି । ଟାସ୍କ ଫୋର୍ସ ରିପୋର୍ଟର ପରିଶିଷ୍ଟ IIIB ର ସମସ୍ତ ଆବଣ୍ଟନଗ୍ରାହୀଙ୍କ ତାଲିକା ଓ ସତ୍ୟପାଠ ର ଫର୍ମ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ୱେବସାଇଟ (www.cdacuttack.nic.in) ରେ ଉପଲବ୍ଧ ।

ଉପରୋକ୍ତ ତାଲିକାରେ କୌଣସି ଆବଣ୍ଟନଗ୍ରାହୀ ଏବଂ ତାଙ୍କର ପରିବାର ( ସ୍ୱାମୀ, ସ୍ତ୍ରୀ ଓ ନାବାଳକ ସନ୍ତାନ, ସନ୍ତତି) ଙ୍କ ନାମରେ ଏହି ସମ୍ପତ୍ତି ଆବଣ୍ଟନ ପୂର୍ବରୁ ଓ ପରେ ଅଭିନବ ବିଡାନାସୀ ଉନ୍ନୟନ ପ୍ରକଳ୍ପ / ଶିଖରପୁର ଆବାସିକ ବାସ ଉପଯୋଗୀ ଯୋଜନା ଓ କଟକ ମହାନଗର ନିଗମ ସୀମାଭୁକ୍ତ ଅଞ୍ଚଳ ମଧ୍ୟରେ ଯଦି କୌଣସି ବାସ ଉପଯୋଗୀ ଅସ୍ଥାବର ସମ୍ପତ୍ତି ଥାଏ, ସେ ସମସ୍ତ ସମ୍ପତ୍ତିର ସବିଶେଷ ବିବରଣୀ ନିର୍ଦ୍ଧାରିତ ସତ୍ୟପାଠ ଜରିଆରେ ୧୫ ଦିନ ମଧ୍ୟରେ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଦାଖଲ କଲେ ତାର ପୁଙ୍ଖାନୁପୁଙ୍ଖ ତର୍ଜମା କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ସଚିବ